୪. ଏହି କମିଟି ୬ମାସ ପର୍ଯ୍ୟନ୍ତ କାର୍ଯ୍ୟ ନକଲେ କିମ୍ବା ବିଦ୍ୟାଳୟର ଉନ୍ନୟନ ଦିଗରେ ଯଦି ଆଗ୍ରହ ନ ଦେଖାଇଲେ ତାହାହେଲେ ସଦସ୍ୟ ଆବାହକ ବି.ଇ.ଓ.(ଡି.ଆଇ.)ଡି.ଇ.ଓ.ଙ୍କୁ ନୂତନ କମିଟି ଗଠନ ପାଇଁ ସୁପାରିଶ କରିବେ।

### ବିଦ୍ୟାଳୟ ପରିଚାଳନା କମିଟିର ବୈଠକ କିପରି ହେବ ?

୧. ପ୍ରତି ମାସରେ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ହେବ ଏବଂ ଏହାର କାର୍ଯ୍ୟ ବିବରଣୀ ଲେଖା ହୋଇ ରହିବ ।

୨. ବିଦ୍ୟାଳୟ ପରିଚାଳନା କମିଟିର କୋରମ ପାଇଁ ଏକ-ତୃତୀୟାଂଶ ସଦସ୍ୟଙ୍କ ଉପସ୍ଥିତି ଆବଶ୍ୟକ ହେବ ।

୩. ଜରୁରୀ ଆବଶ୍ୟକତା କ୍ଷେତ୍ରରେ ଅଧକ୍ଷ ବିଦ୍ୟାଳୟ ପରିଚାଳନା କମିଟିର ବିଶେଷ ବୈଠକ ଡକାଇ ପାରିବେ ।

୪. ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ବିଭିନ୍ନ ସମୟରେ ଏହାର ସମୀକ୍ଷା କରି ସୁପରିଚାଳନାର ବନ୍ଦୋବସ୍ତ କରିବେ ।

### ମୁଖ୍ୟ କାର୍ଯ୍ୟାବଳୀ:

୧. ଶିକ୍ଷା ଅଧିକାର ଆଇନ୍‌ର ଦିଗ୍‌ଦର୍ଶିକା ବା ମାନ ଅନୁଯାୟୀ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତ କରିବା,

୨. ବିଦ୍ୟାଳୟ ପରିଚାଳନା କରିବା, ବିଦ୍ୟାଳୟ ବିକାଶ ଯୋଜନାକୁ ସାହାଯ୍ୟ କରିବା ସହିତ ତଦାରଖ କରିବା,

୩. ପାଣ୍ଠି ପରିଚାଳନା, ଶିକ୍ଷାର ଅଗ୍ରଗତି, ନ୍ୟାର୍ଯ୍ୟ ପ୍ରାପ୍ୟର ବଣ୍ଟନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପର ତଦାରଖ କରିବା ଓ ନଜର ରଖିବା ସହିତ ସାମାଜିକ ସମୀକ୍ଷା ପଦ୍ଧତି ମାଧ୍ୟମରେ ଉତ୍ତରଦାୟୀତା ଏବଂ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା,

୪. ଉପଲବ୍ଧ ପାଣ୍ଠିର ସଠିକ୍ ହିସାବ ରଖିବା ସହିତ ଏହାର ବିନିଯୋଗ ଏବଂ ବ୍ୟବହାର ସମ୍ବନ୍ଧରେ ସମସ୍ତ ସଭ୍ୟଙ୍କୁ ଅବଗତ କରାଇବ,

୫. ଶିକ୍ଷାର ଏକ ତଥ୍ୟଭିତ୍ତି ପ୍ରସ୍ତୁତ କରି ତାର ପରିଚାଳନା କରିବା,

୬. ବିଦ୍ୟାଳୟର ବିକାଶ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ସଂଯୋଜନା ଏବଂ ଅନ୍ୟାନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ କରିବ,

୭. ଶିଶୁମାନଙ୍କର ଶିକ୍ଷା ଅଗ୍ରଗତିର ତଦାରଖ କରିବା,

୮. ସାମାଜିକ ସମୀକ୍ଷାର ପଦ୍ଧତି ବା ପ୍ରକ୍ରିୟାର ସ୍ଥାପନା ଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହିତ ସାର୍ବଜନୀନ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ।

୯. ଶିଶୁମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେଉଥିଲେ ଯଥା ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା, ନାମ ଲେଖାଇବାରୁ ବଞ୍ଚିତ କରିବା ତଥା ସେମାନେ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାରୁ ବଞ୍ଚିତ ହେଉଥିଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚରକୁ ଏହା ଆଣିବା ।

୧୦. ଭିନ୍ନକ୍ଷମ ଶିଶୁମାନଙ୍କର ପ୍ରାଥମିକ ଶିକ୍ଷା ପାଇଁ ଭାଗୀଦାରିତା ଏବଂ ପୂର୍ଣ୍ଣତା ଆଣିବା ପାଇଁ ସେମାନଙ୍କ ଚିହ୍ନଟ, ନାମ ଲେଖା ସହ ସମସ୍ତ ଶିକ୍ଷଣୀୟ ସୁବିଧା ସୁଯୋଗ ଯୋଗାଇଦେବା ।

### ବିଦ୍ୟାଳୟ ବିକାଶ ଯୋଜନା:

(କ) ବିଦ୍ୟାଳୟ ବିକାଶ ଯୋଜନାଟି ୩ ବର୍ଷିୟା ହେବ ଏବଂ ଏଥିରେ ୩ଟି ବର୍ଷିକିଆ ଉପ-ଯୋଜନା ରହିବା ଏହି ଉପ-ଯୋଜନାରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଆଯିବ ।

୧. ଶ୍ରେଣୀ ଅନୁଯାୟୀ ଶିଶୁମାନଙ୍କର ନାମ ଲେଖାର ହିସାବ ।

୨. ସ୍ବୀକୃତ ସର୍ତ୍ତ ଓ ମାନ ଅନୁଯାୟୀ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତଥା ଷଷ୍ଠ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ଆବଶ୍ୟକ ଥିବା ବିଭିନ୍ନ ଶିକ୍ଷକ, Part Time ଶିକ୍ଷକ, ପ୍ରଧାନ ଶିକ୍ଷକ ଏବଂ ଅତିରିକ୍ତ ଶିକ୍ଷକମାନଙ୍କ ନିଯୁକ୍ତିର ହିସାବ ।

୩. ସ୍ବୀକୃତ ସର୍ତ୍ତ ଓ ମାନ ଅନୁଯାୟୀ ୩ବର୍ଷ ପର୍ଯ୍ୟନ୍ତ ଅତିରିକ୍ତ ଭିତ୍ତିଭୂମି/ସାଜସରଞ୍ଜାମର ଚାହିଦାକୁ ଯୋଜନା କରିବେ ।

୪. ଛଅ ବର୍ଷରୁ ଉର୍ଦ୍ଧ୍ୱ ଯେଉଁ ଶିଶୁମାନେ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି ଅଥବା ନାମ ଲେଖାଇ ପ୍ରାଥମିକ ଶିକ୍ଷା ସମାପନ କରିନାହାନ୍ତି, ସେହି ଶିଶୁମାନେ ବୟସାନୁଯାୟୀ ନାମ ଲେଖାଇବା ନିମନ୍ତେ ଓ ସେମାନେ ଅନ୍ୟ ଶିଶୁମାନଙ୍କ ସହ ସମକକ୍ଷ ହେବା ନିମନ୍ତେ ସ୍ୱତନ୍ତ୍ର ତାଲିମ୍ ପାଇବା ପାଇଁ ଯୋଜନା କରିବେ ।

(ଖ) ବିଦ୍ୟାଳୟ ବିକାଶ ଯୋଜନା ତିଆରି ସରିବା ପରେ ଏହାକୁ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଅଥବା ଉପାଧକ୍ଷ ଏବଂ ସଦସ୍ୟ-ଆବାହକ ଦସ୍ତଖତ କରି ସମ୍ପୃକ୍ତ ଆର୍ଥିକ ବର୍ଷ ସରିବା ପୂର୍ବରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ । (ବିଦ୍ୟାଳୟ ବିକାଶ ଯୋଜନା କିପରି ବିଶଦଭାବରେ ତିଆରି କରିବେ ସେଥି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳୟ ଯୋଜନାର କାର୍ଯ୍ୟଧାରା ପୁସ୍ତିକାର ସାହାଯ୍ୟ ନିଅନ୍ତୁ ।)


**ଚଲେ ଚଲୋ**

**ଏସ୍-୩/୬୦, ନିଳାଦ୍ରୀ ବିହାର, ପୋ. - ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ ଫୋନ୍ ନଂ- ୦୬୭୪-୨୭୨୧୧୫୭**

**ମୋ : ୯୪୩୯୪୦୦୩୫୨**

Email : chalechalo@rediffmail.com

web : www.chalechalo.org.in



ଜନସ୍ୱାର୍ଥ ନିମନ୍ତେ 'ଚଲେ ଚଲୋ' ଭୁବନେଶ୍ୱରଙ୍କ ଦ୍ୱାରା ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ।


# ଶିକ୍ଷା ଅଧିକାର ଆଇନ-୨୦୦୯ ଓ ଆମ ଶିଶୁମାନଙ୍କର ଅଧିକାର କେତୋଟି ଜାଣିବା




CHALE CHALO
Let's Move Forward

Integrated Village Development Trust

DFID
UKaid
from the British people

## ଶିକ୍ଷା ଅଧିକାର ଆଇନ-୨୦୦୯ ଓ ଆମ ଶିଶୁମାନଙ୍କର ଅଧିକାର କେତୋଟି ଜାଣିବା

- ଶିଶୁର ଦେୟମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକରା ଆଇନ ୨୬ ଅଗଷ୍ଟ ୨୦୦୯ ଦିନ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମତି ପ୍ରକାଶ ପାଇଲା ।
- ଏହି ଆଇନ ଆମ ରାଜ୍ୟରେ ୧ ଏପ୍ରିଲ ୨୦୧୦ ଦିନରୁ କାର୍ଯ୍ୟକାରୀ ହେଉଛି ।
- ରାଜ୍ୟର ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟଓ କେନ୍ଦ୍ର ସରକାର ସୁ-ବ୍ୟବସ୍ଥିତ ଭାବେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବେ ।
- ଶିକ୍ଷା ଆଇନ ଲାଗୁହେବାର ୩ବର୍ଷ ମଧ୍ୟରେ ୧ କି.ମି.ରୁ ଅଧିକ ଦୂରକୁ ପଢିବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବ । (ଆଇନର ଅଧ୍ୟାୟ ୩ର ଧାରା ୬)
- ଆଇନ ଲାଗୁ ହେବାର ୬ମାସ ମଧ୍ୟରେ ପ୍ରତି ସ୍କୁଲ ନିମନ୍ତେ ସ୍କୁଲ ପରିଚାଳନା କମିଟି ଗଠନ ହେବ ସେଥିରେ ଅନୁନ୍ୟ ଅଧା ସଦସ୍ୟ ମହିଳା ରହିବେ । କମିଟିର ୭୫ ଭାଗ ଅଭିଭାବକ ରହିବେ । କମିଟିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଅଭିଭାବକ ଏବଂ ଆବାହକ ଜଣେ ଶିକ୍ଷକ ରହିବେ । ପ୍ରତି ମାସରେ ଥରେ ବୈଠକ ବସିବ ଓ ୩ ବର୍ଷରେ ଥରେ ନୂତନ କମିଟି ଗଠିତ ହେବ । (ଆଇନର ଅଧ୍ୟାୟ ୪ର ଧାରା ୨୧ (୧) ।
- ସ୍କୁଲ ପରିଚାଳନା କମିଟି ବିଦ୍ୟାଳୟ ଉନ୍ନୟନ ଖସଡ଼ା ପ୍ରସ୍ତୁତ କରିବେ ଓ ଏହାର ଆଧାରରେ ସରକାର ସହାୟତା ପ୍ରଦାନ କରିବେ । (ଆଇନର ଅଧ୍ୟାୟ ୪ର ଧାରା ୨୨(୧)) ।
- ଏହି ଆଇନ ଲାଗୁହେବାର ୬ ମାସ ମଧ୍ୟରେ ନିର୍ଦ୍ଧାରିତ ଶିକ୍ଷକ-ଶିକ୍ଷାର୍ଥୀ ଅନୁପାତରେ ଶିକ୍ଷକ ବ୍ୟବସ୍ଥା ହେବ(ଆଇନର ଅଧ୍ୟାୟ ୪ର ଧାରା ୨୫(୧) । ସର୍ବନିମ୍ନ ଯେତେ ବି ସଂଖ୍ୟା ଥାଇ ୬୦ ଶିକ୍ଷାର୍ଥୀ ପର୍ଯ୍ୟନ୍ତ ୨ଜଣ, ୬୧ରୁ ୯୦ ଶିକ୍ଷାର୍ଥୀରେ ୩ଜଣ, ୯୧ରୁ୧୨୦ରେ ୪ଜଣ, ୧୨୧ରୁ୧୫୦ରେ ୫ଜଣ, ୧୫୧ରୁ ଅଧିକ ଛାତ୍ର ଥିଲେ ୫ଜଣ ଶିକ୍ଷକଙ୍କ ସହ ୧ଜଣ ପ୍ରଧାନ ଶିକ୍ଷକ ରହିବେ । ୨୦୦ରୁ ଅଧିକ ଶିକ୍ଷାର୍ଥୀ ଥିଲେ ପ୍ରଧାନ ଶିକ୍ଷକଙ୍କ ବ୍ୟତିତ ଶିକ୍ଷାର୍ଥୀ-ଶିକ୍ଷକ ଅନୁପାତ ୪୦ରେ ୧ ଶିକ୍ଷକ ରହିବେ । ୬ଷ୍ଠରୁ ୮ମ ଶ୍ରେଣୀ ନିମନ୍ତେ ଶ୍ରେଣୀ ପ୍ରତି ଜଣେ ଶିକ୍ଷକ ରହିବେ ନତୁବା ପ୍ରତି ୩୫ଜଣ ଶିକ୍ଷାର୍ଥୀରେ ଅନୁନ୍ୟ ଜଣେ ଶିକ୍ଷକ ମଧ୍ୟ ବ୍ୟବସ୍ଥା ହୋଇପାରେ । (ଆଇନର ଆନୁସୂଚୀର ୧ର କ ଓ ଖ)
- ସବୁ ଋତୁ ପାଇଁ ଉପଯୋଗୀ ସ୍କୁଲ ଗୃହ, କାର୍ଯ୍ୟାଳୟ, ଭଣ୍ଡାର ଗୃହ, ରୋଷେଇ ଗୃହ, ପରିସୀମା କାନ୍ଥ, ଖେଳ ପଡ଼ିଆ, ଶୌଚାଳୟ, ପାଠାଗାର, ବିଶୁଦ୍ଧ ପାନୀୟ ଜଳ ସୁ-ବ୍ୟବସ୍ଥା ରହିବ । ପାଠାଗାରରେ ଖବର କାଗଜ, ପତ୍ରପତ୍ରିକା, ସ୍କୁଲରେ ପଢା ହେଉଥିବା ସମସ୍ତ ବହି ରହିବ । (ଆଇନର ଅନୁସୂଚୀ)
- ବିଦ୍ୟାଳୟରେ ଖାଲିପଡୁଥିବା ଶିକ୍ଷକ ସଂଖ୍ୟା ସମ୍ପୃକ୍ତ ସ୍କୁଲର ସମୁଦାୟ ଶିକ୍ଷକ ସଂଖ୍ୟାର ୧୦ ପ୍ରତିଶତରୁ ଅଧିକ ହେବ ନାହିଁ । (ଆଇନର ଅଧ୍ୟାୟ ୪ର ଧାରା ୨୬) ।
- ବିଦ୍ୟାଳୟର କୌଣସି ଶିକ୍ଷକ ଘରୋଇ ଟ୍ୟୁସନ୍ କିମ୍ବା ଘରୋଇ ଶିକ୍ଷାଦାନ କାର୍ଯ୍ୟ ଜାରି ରଖି ପାରିବେ ନାହିଁ । (ଆଇନର ଅଧ୍ୟାୟ ୪ର ଧାରା ୨୮)
- ପ୍ରତି ୩କି.ମି. ବ୍ୟବଧାନ ମଧ୍ୟରେ ୬, ୭ ଓ ୮ଶ୍ରେଣୀଥିବା ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ନଚେତ ଏହି ବ୍ୟବଧାନ ମଧ୍ୟରେ ଥିବା ୫ମ ଯାଏଁ ଥିବା ବିଦ୍ୟାଳୟକୁ ପରିବର୍ଦ୍ଧିତ କରାଯିବ । (ନୀୟମାବଳି ଭାଗ ୩ର ଧାରା ୪) ।
- ଭିନ୍ନକ୍ଷମ ପିଲାଙ୍କୁ ଉପଯୁକ୍ତ ଓ ନିରାପଦଯାନ ସାହାଯ୍ୟରେ ବିଦ୍ୟାଳୟକୁ ଆଣିବାକୁ ପ୍ରଶାସନ ପ୍ରୟାସ କରିବ ।(ନୀୟମାବଳୀ ଭାଗ ୩ର ଧାର ୪ (୭) ।
- ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପଢା ବହି, ଲେଖନ ସାମଗ୍ରୀ ଓ ପୋଷାକ ଯୋଗାଇଦିଆଯିବ ।
- ପିଲାମାନଙ୍କର ନାମ ଲେଖାଇବା ସମୟରେ ବିଦ୍ୟାଳୟର ବିଜ୍ଞାପିତ ଦେୟ ବ୍ୟତୀତ କୌଣସି ବିଦ୍ୟାଳୟ କିମ୍ବା ବ୍ୟକ୍ତି ବିଶେଷ ଅନ୍ୟ କୌଣସି ପ୍ରକାର କ୍ୟାପିଟେସନ୍ ଫିଜ୍ ସଂଗ୍ରହ କରି ପାରିବେ ନାହିଁ । ଶିଶୁ ବା ତାର ଅଭିଭାବକଙ୍କୁ କୌଣସି ପ୍ରକାର ଚୟନ ପ୍ରଣାଳୀର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଯଦି କୌଣସି ବିଦ୍ୟାଳୟ କିମ୍ବା ବ୍ୟକ୍ତି ବିଶେଷ ଏହି ଭଳି କରନ୍ତି ତେବେ ବିଜ୍ଞାପିତ ଫିକ୍‌ର ୧୦ଗୁଣ ଅର୍ଥ ଜୋରିମାନା ଦେବାକୁ ପଡ଼ିବ । ଶିଶୁର ନାମ ଲେଖାଇବା ବେଳେ ଯିଏ ଚୟନ ପଦ୍ଧତି ଅବଲମ୍ବନ କରୁଥାନ୍ତି ତେବେ ତାଙ୍କୁ ପ୍ରଥମ ଥରର ଚୟନ ପ୍ରଶ୍ନ ବା ଅର୍ଥ ଦାବି ପାଇଁ ୨୫,୦୦୦ଟଙ୍କା ଓ ପରବର୍ତ୍ତୀ ଥରର ଚୟନ ପ୍ରଶ୍ନ ବା ଅର୍ଥ ଦାବି ପାଇଁ ୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇପାରେ । (ଆଇନର ଅଧ୍ୟାୟ ୪ଧାରା ୧୩(୧),(୨), (କ) ଓ (ଖ) ।
- କୌଣସି ବିଦ୍ୟାଳୟରେ ନାମ ଲେଖାଇଥିବା କୌଣସି ଛାତ୍ରକୁ କୌଣସି ବି ଶ୍ରେଣୀରେ ପଛେଇ ରଖାଯିବ ନାହିଁ କିମ୍ବା ତାର ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ତାକୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ । କୌଣସି ପିଲାକୁ ଶାରୀରିକ ଦଣ୍ଡ କିମ୍ବା ମାନସିକ ନିର୍ଯ୍ୟାତନା ଦିଆଯିବ ନାହିଁ । ଯଦି କୌଣସି ଶିକ୍ଷକ ବା ବ୍ୟକ୍ତି ବିଶେଷ ଏହାର ଉଲ୍ଲଂଘନ କରନ୍ତି ତେବେ ସେହି ଶିକ୍ଷକ ବା ବ୍ୟକ୍ତିଙ୍କ ଉପରେ ବିହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । (ଆଇନର ଅଧ୍ୟାୟ ୪ଧାରା ୧୬ ଓ ୧୭)
- ଦଶ ବର୍ଷିଆ ଜନ ଗଣନା, ପ୍ରାକୃତିକ ବିପର୍ଯ୍ୟୟ ଜନିତ ରିଲିଫ କାର୍ଯ୍ୟ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ବିଧାନ ସଭା କିମ୍ବା ସଂସଦ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ବ୍ୟତିତ କୌଣସି ଶିକ୍ଷକଙ୍କୁ ଅନ୍ୟ କୌଣସି ପ୍ରକାରର ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଗ କରାଯିବ ନାହିଁ ।(ଆଇନର ଅଧ୍ୟାୟ ୪ ଧାରା ୨୭)
- ଉପରୋକ୍ତ ବ୍ୟବସ୍ଥାରୁ ସୁବିଧା ପାଇବାରେ ବ୍ୟତିକ୍ରମ ହେଲେ କିମ୍ବା ସ୍କୁଲ ସମ୍ପର୍କିତ କୌଣସି ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାରଙ୍କର ଟୋଲଫ୍ରି ନମ୍ବର ୧୮୦୦୩୪୫୬୭୨୨(କେବଳ ପ୍ରଥମରୁ ୧୦ମ ଶ୍ରେଣୀର ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ନିମନ୍ତେ) ଅଭିଯୋଗ କରିପାରିବେ ।

### ବିଦ୍ୟାଳୟ ପରିଚାଳନା କମିଟି

ଶିକ୍ଷା ଅଧିକାର ଆଇନର ଲକ୍ଷ୍ୟକୁ ବାସ୍ତବ ରୂପାୟନ କରିବା ଦିଗରେ ବିଦ୍ୟାଳୟ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ସରକାରୀ ଅନୁଦାନ ପାଉନଥିବା ବିଦ୍ୟାଳୟମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଦ୍ୟାଳୟମାନଙ୍କରେ ପରିଚାଳନା କମିଟିର ସ୍ଥାପନା, ଶିକ୍ଷା ଅଧିକାର ଆଇନ୍ ଆବଶ୍ୟକ କରେ । ବିଦ୍ୟାଳୟ ପରିଚାଳନା କମିଟି ତାର ଗଠନମୂଳକ କାର୍ଯ୍ୟ ଏବଂ ବାସ୍ତବ ଯୋଜନା ମାଧ୍ୟମରେ ଏକ ଉତ୍ତମ ପରିଚାଳିତ ବିଦ୍ୟାଳୟ ବ୍ୟବସ୍ଥା ସୁନିଶ୍ଚିତ କରିପାରିବ । ସମସ୍ତ ସରକାରୀ / ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯିବ ।

**ବିଦ୍ୟାଳୟର ପରିଚାଳନା କମିଟିର ଗଠନ ଓ କାର୍ଯ୍ୟ ଅବଧି:**

୧. ଅଭିଭାବକ-ଶିକ୍ଷକ ସମିତି ଏକ ଖୋଲା ବୈଠକରେ ପରିଚାଳନା କମିଟିର ସଭ୍ୟ(କେବଳ ସଦସ୍ୟ ଆବାହକଙ୍କ ବ୍ୟତୀତ) ମାନଙ୍କୁ ନିର୍ବାଚିତ କରିବେ ।

୨. ପଡ଼ୋଶୀ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକଙ୍କ ମଧ୍ୟରୁ ଜଣେ ଏହି ବୈଠକରେ ଅଧ୍ୟକ୍ଷତା କରିନିର୍ବାଚନ ପରିଚାଳନା କରିବେ ।

୩. ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିର୍ବାଚନ ଦିନଠାରୁ ୩ବର୍ଷ ପର୍ଯ୍ୟନ୍ତ ଏହି କମିଟିର କାର୍ଯ୍ୟକାଳ ରହିବ ।